# ବିଶ୍ୱପୁରୁଷ

ଶ୍ରୀ ସୋମନାଥ ଖୁଣ୍ଟିଆ

ଫୁଲମାଳ, ଦୀପଧୂପ, ଭୋଗ ଦେଇ
କେହି ପାରିବନି ନିଜ ସ୍ୱାର୍ଥ ପାଇଁ କରିବ ପ୍ରାର୍ଥନା
ମଙ୍ଗଳ ଆରତୀ ଦେଖି ଭଜନକୀର୍ତ୍ତନ କରି
କେହି ପାରିବନି ନିଜ ସ୍ୱାର୍ଥ ପାଇଁ କରି ଆରାଧନା !
ବିସ୍ମୟ ଓ ବିଚିତ୍ର ଠାକୁର !!
ଧନ୍ୟ ଆମେ ବିଶ୍ୱବାସୀ !
ରଥ ପଥ ଜଗନ୍ନାଥ ସବୁ ଏକାକାର
ପାରିନାହିଁ ନିଜ ସ୍ୱାର୍ଥ ପାଇଁ କରିବାକୁ ତୁମରି ଅର୍ଚ୍ଚନା !
କିଏ ସେହି ବିଶ୍ୱାବସୁ, ବିଦ୍ୟାପତି ?
କିଏ ସେହି ଶ୍ରୀ ନୀଳମାଧବ ?
କିଏ ସେହି ବିଶ୍ୱକର୍ମା ?
ଇତିହାସ ରହିଛି ନୀରବ
ନିଜ ସ୍ୱାର୍ଥ ପାଇଁ କେହି କେବେ କରିନି ଭାବନା !
ତୁମେ ସତ୍ୟ, ତୁମେ ଅପରୂପ
ରୂପାତୀତ ରହସ୍ୟ-ସ୍ୱରୂପ
ହେ ବିଶ୍ୱପୁରୁଷ !
ତୁମରି ଚରଣ ତଳେ ଲୋଟିଯାଉ
ପାପ ଅବଶେଷ, ଅନ୍ୟାୟର ସକଳ ନିର୍ଯ୍ୟାସ । ❒ ❒ ❒

ମଣିକର୍ଣ୍ଣିକା ସାହି,
ହଜୁରୀ ଲେନ୍, ପୁରୀ-୧

# ନବୈ ଯାଚେ ରାଜ୍ୟଂ

ଶ୍ରୀ ଗଦାଧର ପ୍ରତିହାରୀ

ପ୍ରଭୁଙ୍କ ପହଣ୍ଡି ସମୟେ
ସାତ ପାହାଚରେ ଟାଇଆ ଲାଗି ବେଳେ
ପଣ୍ଡାଏ କହିଲେ
''ଏହି ସମୟରେ ପ୍ରଭୁଙ୍କୁ କୋଳ କରି ଯାହା ମନାସିବ
ତୁମ ମନ କାମନା ନିଶ୍ଚେ ପୂରଣ ହୋଇବ'' ।

ଜୀବନ ସମୁଦ୍ରରେ ଶତ ଶତ କାମନା ଲହଡ଼ି
ଏକ ପୂର୍ଣ୍ଣ ହେଲେ ପୁଣି ଏକ ଜନ୍ମ ନିଏ ସେଠି
କାମନାର ଯଦି ଅନ୍ତ ନାହିଁ
ପ୍ରଭୁଙ୍କୁ ତା ବିଲୟ ପାଇଁକି କାହିଁ ମନାସିବି ।

ପ୍ରଭୁଙ୍କୁ କିଛି ମାଗି ପାରିଲିନି
ସ୍ତୁତିଟିଏ ଗାଇଥିଲି ।

ନବୈ ଯାଚେ ରାଜ୍ୟଂ ନଚ କନକ ମାଣିକ ବିଭବଂ
ନ ଯାଗେଽହଂ ରମ୍ୟାଂ ସକଳଜନକାମ୍ୟାଂ ବରବଧୂମ୍
ସଦା କାଳେ କାଳେ ପ୍ରମଥପତିନା ଗୀତଚରିତୋ
ଜଗନ୍ନାଥଃସ୍ୱାମୀ ନୟନପଥଗାମୀ ଭବତୁ ମେ । ❒ ❒ ❒

ହରଚଣ୍ଡୀ ସାହି, ପୁରୀ

# କାଳିଆ

ଶ୍ରୀ ସଦାଶିବ ମିଶ୍ର

କାଳିଆରେ ତୋର ଦରଶନ ଲାଗି
ଦେଖୁଛି ମୁଁ ନିତି ସପନ
ନେଇଯାରେ ମୋତେ ଶିରୀକ୍ଷେତ୍ର ଥରେ
ଦେଖିବି ତୋ ଚକାନୟନ ।
ସିଂହଦ୍ୱାରେ ମୁହିଁ ପଖାଳିବି ପାଦ
ତୁଣ୍ଡେ ଧରି ତୋର ନାମ
ଗରୁଡ଼ ଖମ୍ବରେ ଲଗାଇବି ମୁଣ୍ଡ
ପଡୁଥିବ ହରିବୋଲ ।
ସାଙ୍ଗେ ବଳଭଦ୍ର ଭଉଣୀ ସୁଭଦ୍ରା
ପୁଣି ଚକ୍ର ସୁଦର୍ଶନ
ରତ୍ନ ସିଂହାସନେ ବିଜେ ଲକ୍ଷ୍ମୀକାନ୍ତ
ଦେଖିବ କି ମୋ ନୟନ ।
ରଘୁନନ୍ଦନ ହେ ଯଶୋଦା ଜୀବନ
ଝୁରେ ତୋ ପାଇଁ ମୋ ମନ
ହେବ କି ସଫଳ କରିବି ଦର୍ଶନ
ପ୍ରଭୁ ଜଗତ ଜୀବନ ।
❒❒❒

ବିମାନବଢୁ ସାହି
ଚଢ଼ାଆପଟି ଗଳି
ପୁରୀ-୧